# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୫ ଡିସେମ୍ବର ୨୦୨୫ । ଶୁକ୍ରବାର




## ସୂଚନା ଅଧିକାର କର୍ମୀଙ୍କୁ ଡିଡବ୍ଲୁଓଙ୍କ ହତ୍ୟା ଧମକ

**ନବରଙ୍ଗପୁର: ଏକ୍ସପ୍ରେସ ନ୍ୟୁଜ୍**

ନବରଙ୍ଗପୁର ଡିଡବ୍ଲୁଓ ପାଲକା ରବିନ୍ଦ୍ରଙ୍କ ବିରୁଦ୍ଧରେ ହତ୍ୟା ଧମକ ଅଭିଯୋଗକୁ ନେଇ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅଧିକାର କର୍ମୀ ନେତ୍ରା ନନ୍ଦ କଲାର ଏହି ଏତଲା ଦାଏର କରିଛନ୍ତି । ଏତଲା ଅନୁଯାୟୀ, ଗତ ୨ ତାରିଖ ଦିନ ନବରଙ୍ଗପୁର ଦୈନିକ ବଜାର ସାମନା ରାସ୍ତାରେ ଜିଲ୍ଲା ମଙ୍ଗଳ ଅଧିକାରୀ ପଲେକା ରବିନ୍ଦ୍ର ସୁଚନା ଅଧିକାର କର୍ମୀ ନେତ୍ରା ନନ୍ଦ କଲାରଙ୍କୁ ଭେଟିଥିଲେ । ନେତ୍ରାନନ୍ଦଙ୍କୁ ଆରଟିଆଇ ତଥ୍ୟ ମାଗି ବଦନାମ କରୁଛୁ ବୋଲି କହିବା ସହ ଲୋକ ଲଗାଇ ଚୁଟୁକିରେ ଶେଷ କରିଦେବି ବୋଲି ଶ୍ରୀ ପାଲକା ଧମକ ଦେଇଥିଲେ । ଏହା ପର ଠାରୁ ନେତ୍ରାନନ୍ଦ ନିଜକୁ ଅସୁରକ୍ଷିତ ମନେ କରି ଭୟଭିତ ଅବସ୍ଥାରେ ରହିବା ସହ ତାଙ୍କୁ ଯେ କୌଣସି ମୁହୂର୍ତ୍ତରେ ହତ୍ୟା କରାଯାଇ ପାରେ ବୋଲି ଆଶଙ୍କା ପ୍ରକୋଟ କରିଛନ୍ତି । ତେଣୁ ଶ୍ରୀ ପାଲକାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଅନୁରୋଧ କରିଛନ୍ତି । ନେତ୍ରାଙ୍କ କହିବା ଅନୁଯାୟୀ, ଜିଲ୍ଲାରେ ଆଦିବାସୀ ବିଭାଗୀୟ ବିଦ୍ୟାଳୟ ଗୁଡିକରେ ଅନ୍ତେବାସୀଙ୍କ ବ୍ୟବହାର ଉପଯୋଗୀ ସାମଗ୍ରୀ ସରକାର ପ୍ରଚୁର ଅର୍ଥ ଯୋଗେଇ ଦେଉଥିବା ବେଳେ ଡିଡବ୍ଲୁଓ ବାଟ ମାରଣା କରିଥିବା ଅଭିଯୋଗ ହୋଇଥିଲା । ଏହାକୁ କେନ୍ଦ୍ର କରି ଜଣେ ଆରଟିଆଇ କର୍ମୀ ଭାବେ ସେ ଏହି ସମସ୍ତ ସାମଗ୍ରୀର କ୍ରୟ କରାଯାଉଥିବା ପ୍ରକ୍ରୀୟା ତଥା ସଂପୃକ୍ତ ସାମଗ୍ରୀର ସବିଶେଷ ତଥ୍ୟ ଆରଟିଆଇ ମାଧ୍ୟମରେ ସୂଚନା ମାଗିଥିଲେ । ଦୁର୍ନୀତି ପ୍ରଘୋଟ ହେବା ଭୟରେ ତାଙ୍କୁ ହତ୍ୟା କରିବାକୁ ଡିଡବ୍ଲୁଓ ଷଡଯନ୍ତ୍ର କରୁଥିବା ନେତ୍ରାନନ୍ଦ ଗଣମାଧ୍ୟମକୁ କହିଛନ୍ତି ।

## ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ କଲେଜ ଛାତ୍ରୀ ମୃତ । ଛାତ୍ରୀ ଜଣକ ସାଇକେଲରେ କଲେଜ୍ ଯାଉଥିବା ବେଳେ ଧକ୍କା ଦେଲା ବେଆଇନ ବାଲି ବୋଝେଇ ଟ୍ରାକ୍ଟର । ମୃତା ଛାତ୍ରୀ ତାଳପଦା ଅଞ୍ଚଳର ଶ୍ରଦ୍ଧାଞ୍ଜଳି ପଣ୍ଡା ବୋଲି ସୂଚନା ମିଳିଛି ।

ସାଇକେଲରେ କଲେଜ୍ ଯିବା ବେଳେ ପଛ ଆଡୁ ଧକ୍କା ଦେଇଛି ବାଲି ବୋଝେଇ ଟ୍ରାକ୍ଟର । ଘଟଣାସ୍ଥଳରେ ଉତ୍ତେଜନା ଜାରି ରହିଛି । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ବୟାଁବନାପୁର ପଞ୍ଚାୟତ ଅଧୀନ ହଳଦୀଗଡିଆ ଛକଠାରେ ଦୁର୍ଘଟଣା ଘଟିଛି ।

ସୂଚନାଥାଉକି, ସବୁଦିନ ଭଳି ଛାତ୍ରୀ ଜଣଙ୍କ କଲେଜ ଯାଉଥିଲେ । ଗୁରୁବାର ବି ସକାଳୁ ସେ କଲେଜ ଯାଉଥିଲେ ସାଁକେଲ୍‌ରେ । ହେଲେ ଏତିକିବେଳେ ତାଙ୍କୁ ଧକ୍କା ଦେଇଥିଲା ବାଲି ବୋଝେଇ ଟ୍ରାକ୍ଟର । ଫଳରେ ତାଙ୍କର ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ସେପଟେ ଅଘଟଣ ପରେ ଛାତ୍ରୀଙ୍କ ସାଙ୍ଗସାଥୀ ଓ ସଂପର୍କୀୟମାନେ ନ୍ୟାୟ ଦାବିରେ ରାସ୍ତାରୋକ କରିଥିଲେ ।

## ନିଶା ମାଫିଆ ଘର ଉପରେ ବୁଲିଲା ବୁଲଡୋଜର

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ନିଶା ମାଫିଆ ଘର ଉପରେ ବୁଲିଲା ବୁଲଡୋଜର । ନିଶା ମାଫିଆ ସୁକାନ୍ତି ପଣ୍ଡା ଘର ଉପରେ ବୁଲିଛି ବୁଲଡୋଜର । ପୁରୀ ସଦର ଥାନା ଅନ୍ତର୍ଗତ ନିଳଚକ୍ର ନଗରର ନିଶା ମାଫିଆ ସୁକାନ୍ତି ପଣ୍ଡା ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଜେଲରେ ଥିବାବେଳେ ଆଜି ସଦର ଥାନା ପୋଲିସ ସୁକାନ୍ତିର ଘରକୁ ମାଟିରେ ମିଶେଇଛି ।

ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ଆକ୍ସନ ନିଆଯାଇଛି । ଘଟଣାସ୍ଥଳରେ ପୁରୀ ଏସପି, ସଦର ଏସଡିପିଓ, ସଦର ଥାନା ଅଧିକାରୀଙ୍କ ସହିତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ । ପୁରୀ ସହରରେ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ନିଶା ବ୍ୟବସାୟୀଙ୍କ ବିରୁଦ୍ଧରେ କଡ଼ା ଆକ୍ସନ ନେବାପାଇଁ ଅଣ୍ଟା ଭିଡିଛି ପୋଲିସ । ଯେଉଁମାନେ ନିଶା କାରବାର ଚଳାଇ ନିଶା କବଳରେ ସହରକୁ ରଖିଛନ୍ତି ତାଙ୍କ ଉପରେ ମଧ୍ୟ ଏଭଳି ଆକ୍ସନ ନେବ ପୋଲିସ ।

କେବଳ ପୁରୀ ସହର ନୁହେଁ ସମ୍ପୂର୍ଣ୍ଣ ଜିଲ୍ଲାରେ ନିଶା କାରବାର କରୁଥିବା ବ୍ୟକ୍ତିମାନଙ୍କ ଉପରେ କଠୋର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଏସପି । ଏପଟେ ନିଶା ମାଫିଆ ସୁକାନ୍ତି ପଣ୍ଡା ନୀଳଚକ୍ର ନଗରରେ ସରକାରୀ ଜାଗା ଉପରେ ଚାରୋଟି ଘର କରିଥିବା ବେଳେ ଗୁରୁବାର ଏହାକୁ ମାଟିରେ ମିଶାଇଛି ପୋଲିସ ।

## ନିମ୍ନମାନର ଖାଦ୍ୟକୁ ନେଇ ଅସନ୍ତୋଷ

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**



ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବ 'କୋଣାର୍କ ନୃତ୍ୟ ଉତ୍ସବ'ରେ ଅତିଥିମାନଙ୍କୁ ପରଷା ଯାଉଛି ନିମ୍ନମାନର ଖାଦ୍ୟ । ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଖାଦ୍ୟ । ଏନେଇ ଅଭିଯୋଗ ଆସିଛି । ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

କୋଣାର୍କରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ୫ ଦିନିଆ ୩୬ତମ କୋଣାର୍କ ନୃତ୍ୟ ଉତ୍ସବ ଏବେ ଏକ ପ୍ରହସନରେ ପରିଣତ ହୋଇଛି । ଓଡିଶାର ପର୍ଯ୍ୟଟନ ଶିଳ୍ପକୁ ଗତିଶୀଳ କରିବାକୁ ରାଜ୍ୟ ସରକାର ପ୍ରୟାସ କରିଛନ୍ତି । କିନ୍ତୁ ଖୋଦ ପର୍ଯ୍ୟଟନ ବିଭାଗର କେତେକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହା ଏବେ ପ୍ରହସନରେ ପରିଣତ ହୋଇ ନିନ୍ଦିତ ହେଉଛି ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଅତିଥିମାନଙ୍କ ନିମନ୍ତେ ବିଶେଷ ଭାବେ ପ୍ରଚାର ଓ ପ୍ରସାର ପାଇଁ ଆସିଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରତେକ ଦିନ ରାତ୍ରୀକାଳୀନ ଖାଦ୍ୟ ମାଗଣାରେ ଦେବାପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ନିଗମକୁ ଦାୟିତ୍ୱ ଦିଆଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥାଏ । ମାତ୍ର କେତେକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅତିଥିମାନଙ୍କ ପାଇଁ ଖାଦ୍ୟ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ପର୍ଯ୍ୟଟନ ନିଗମର ଗୀତାଞ୍ଜଳି ରେଷ୍ଟୁରାଣ୍ଟରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ଖୋଲା ସ୍ଥାନରେ ରାତ୍ରୀ ସମୟରେ ଖାଦ୍ୟ ଅତି ନିମ୍ନମାନର ଜିନିଷ ପ୍ରୟୋଗ କରାଯାଇ ଖାଦ୍ୟ ତିଆରି କରାଯାଇ ଖାଇବାକୁ ଦିଆଯାଉଥିବା ଦେଖିବାକୁ ମିଳିଛି ।

ସୂଚନା ଥାଉକି ନୃତ୍ୟ ଉତ୍ସବର ତୃତୀୟ ଦିବସରେ ପର୍ଯ୍ୟଟନ ନିଗମ ଦ୍ୱାରା ସମସ୍ତ ନୀତିନିୟମକୁ ବଳି ପକାଇ ଅଧିକାରୀମାନେ ସାଧାରଣ ଚାଉଳରେ ବିରିୟାନି ତିଆରି କରି ଜଣକା ଖାଦ୍ୟ ଟୋକନ ଅନୁଯାୟୀ ଗୋଟେ ଲେଖା ପାର୍ସଲ ବ୍ୟାଗ ଦିଆ ଯାଇଥିଲା । ଯାହାକୁ ଅତିଥିମାନେ ବିନା ଥାଳି ଓ ପିଇବା ପାଣିରେ କିପରି ଖାଇବେ ଉପସ୍ଥିତ କର୍ମଚାରୀଙ୍କୁ ପଚାରିବାରେ ସେ ଚୁପ ରହିଥିଲେ । ଉକ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ କରାଯାଉଛି ଆମେ କିଛି କହି ପାରିବୁ ନାହିଁ ବୋଲି ସେମାନେ କହିଥିଲେ । ଅନେକ ଅତିଥି ଏପରି ଖାଦ୍ୟକୁ ନ ଖାଇ ଫେରି ଯାଇଥିଲା ବେଳେ ଅନେକ ଏହି ଅଖାଦ୍ୟକୁ ଭୟରେ ନ ଖାଇ ଫିଙ୍ଗି ଦେଇଥିଲେ । ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ନିଗମର ଏପରି ନୀତିକୁ ସାଧାରଣରେ ନିନ୍ଦା କରାଯାଇଛି । ଏନେଇ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ଦାବି ହୋଇଛି ।

## ଦିନକରେ ୨ ସାର୍କ ମୃତଦେହ ଉଦ୍ଧାର

**ଭୋଗରାଇ: ଏକ୍ସପ୍ରେସ ନ୍ୟୁଜ୍**

ବଙ୍ଗୋପସାଗରେ ବିପଦରେ ପଡିଛି କି ସାର୍କ (ତିମି) ମାଛଙ୍କ ପ୍ରଜାତି । ଗୁରୁବାର ଗୋଟିଏ ଦିନରେ ମଝି ସମୁଦ୍ରରୁ ଦୁଇଟି ବିଶାଳ ସାର୍କଙ୍କ ମୃତଦେହ ମିଳିଛି । ବୁଧବାର ସକାଳେ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗୋପସାଗର ଦୀଘା ମୁହାଣରେ ଲାଗିଥିଲା ଏକ ବିଶାଳକାୟ ସାର୍କ । ବୁଧବାର କିଛି ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଟ୍ରଲର୍ ଯୋଗେ ଯାଇଥିବା ବେଳେ ୨ କୁଇଣ୍ଟାଲ ୧୦ କିଲୋ ଓଜନର ଏହି ମୃତ ସାର୍କଟି ଜାଲରେ ପଡିଥିଲା । ସେମାନେ ମାଛଟିକୁ ଟାଣିଆଣି ଗୁରୁବାର ସକାଳେ ମୁହାଣରେ ଲଗାଇଥିଲେ । ଏହାପରେ ମାଛଟିକୁ ବିକ୍ରି କରିବା ପାଇଁ ମୋହନା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଅଣାଯାଇଥିଲା । ଏଠାରେ ସାର୍କ ଦେଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଭିଡ ଲାଗିଥିଲା । କୋଲକାତାର ଏକ ଘରୋଇ କମ୍ପାନି ଲକ୍ଷାଧିକ ଟଙ୍କାରେ ଏହି ମାଛଟିକୁ କିଣି ନେଇଛି ।

ସେହିପରି, ଭୋଗରାଇ ବ୍ଲକ୍ ତାଳସାରୀ ନିକଟରେ ମଧ୍ୟ ଗୁରୁବାର ଏକ ବିରାଟ ସାର୍କ ଧରାପଡିଛି । କିଛି ମତ୍ସ୍ୟଜୀବୀ ମାଛ ମାରିବା ପାଇଁ ଭୁଟୁଭୁଟିରେ ମଝି ସମୁଦ୍ରକୁ ଯାଇଥିଲେ । ସେଠାରେ ସାର୍କର ମୃତଦେହ ଭାସୁଥିବା ଦେଖି ସେମାନେ ଏହାକୁ ତାଳସାରୀ ବେଳାଭୂମି ନିକଟକୁ ଟାଣି ଆଣିଥିଲେ । ତେବେ ଦୀଘାରେ ଧରାପଡିଥିବା ସାର୍କଠାରୁ ଏହି ସାର୍କଟି ପ୍ରାୟ ୩ ଗୁଣା ବଡ ହୋଇଥିବାରୁ ସେମାନେ ଏହାକୁ ବେଳାଭୂମିରୁ ଆଗକୁ ଆଣିପାରି ନଥିଲେ । ଖବର ପାଇ ସନ୍ଧ୍ୟାରେ ଉଦୟପୁର ଫରେଷ୍ଟର ସଂଜୟ ମହାନ୍ତି ଓ ବନ ବିଭାଗ କର୍ମଚାରୀ ପହଞ୍ଚି ଏକ ଟ୍ରାକ୍ଟର ଯୋଗେ ସାର୍କଟିକୁ ଆଣିବାର ବ୍ୟବସ୍ଥା କରୁଛନ୍ତି । ଏହି ସାର୍କଟିର ଓଜନ ପ୍ରାୟ ୬ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ଫରେଷ୍ଟର ଶ୍ରୀ ମହାନ୍ତି କହିଛନ୍ତି ।

## ରାଧା ମାଧବ ମନ୍ଦିରରେ ଲାଗି ହେଲା ୧୦୮ ଭୋଗ

**ସୁବର୍ଣ୍ଣପୁର: ଏକ୍ସପ୍ରେସ ନ୍ୟୁଜ୍**

ସୋନପୁର ରାଧା ମାଧବ ଭବବତ ମନ୍ଦିରରେ ମହାସମାରୋହରେ ପାଳିତ ହୋଇଯାଇଛି ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ । ଏହି ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କ ଠାରେ ୧୦୮ ପ୍ରକାର ସୁସ୍ୱାଦୁ ଭୋଗ ଅର୍ପଣ କରାଯାଇଥିଲା । ପୂଜକ ବାସୁଦେବ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ସୂର୍ଯ୍ୟ ନାରାୟଣ ଦାଶ, ବ୍ରଜ ଗୋପାଳ ପୁଝାରୀ, ରାଧେ ଶ୍ୟାମ ପୂଜାରୀ, ଗୋପାଳ ପଣ୍ଡା, ତାରା ଭୂଷଣ ସାହୁ, ମୈଥିଳି ସାହୁ, ରାମ ମେହେର, ପ୍ରଫୁଲ୍ଲ ନାଏକ, ବାଣା ନାଏକ, ପରମ ଯୁଗୁନିଆ ସହଯୋଗ କରିଥିଲେ । ଘୋଡ଼ାଘାଟପଡାର ଶହ ଶହ ଭକ୍ତ ଏହି ଉତ୍ସବରେ ସାମିଲ ହୋଇ ପ୍ରଭୁ କୃପା ଲାଭ କରିଥିଲେ । ପ୍ରକାଶ ଥାଉ କି, ଦୀର୍ଘ ୧୨ ବର୍ଷ ଧରି ଭାଗବତ ମନ୍ଦିରରେ ଏହି ଉତ୍ସବ ପାଳନ କରି ଆସୁଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି ।

## ନିଶା କରିଦେଲା ପୁଅକୁ ପିଶାଚ, ମା'ଙ୍କୁ ପେଟ୍ରୋଲ ଢ଼ାଳି ଜାଳିଦେଲା

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଗୁରୁବାର ସକାଳୁ ସକାଳୁ ମା'ଙ୍କୁ ଟଙ୍କା ମାଗିଥିଲେ ପୁଅ । ପୁଅ ଟଙ୍କା ନେଇ ମଦ ପିଇବ ବୋଲି ମା' ଜାଣିଥିଲେ । ସେଥିପାଇଁ ପୁଅକୁ ଟଙ୍କା ଦେବାକୁ ମନା କରିଦେଇଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ମା'ଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ଭଳି ଅଭାବନୀୟ ଘଟଣା ଘଟିଛି ତିହିଡ଼ି ଥାନା ବିଲଣା ପଞ୍ଚାୟତ ଅଧୀନ ଗଳଗଣ୍ଡପୁର ଗ୍ରାମରେ । ନିଆଁରେ ମା' ଜ୍ୟୋସ୍ନାରାଣୀ ନାୟକ (୬୫)ଙ୍କ ଦେହର ୭୦ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଛି । ଗୁରୁତର ଅବସ୍ଥାରେ ଗ୍ରାମବାସୀ ଜ୍ୟୋସ୍ନାରାଣୀଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଥିବା ବେଳେ ଏପରି ନୃଶଂସ କାଣ୍ଡ ଘଟାଇଥିବା ପୁଅ ଦେବାଶିଷ (୪୫) ଫେରାର ହୋଇଯାଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଦେବାଶିଷ ମା' ଜ୍ୟୋସ୍ନାରାଣୀଙ୍କୁ ଟଙ୍କା ମାଗିଥିଲେ । ମାତ୍ର ସେ ନଦେବାରୁ ଦେବାଶିଷ ଉତ୍ତ୍ୟକ୍ତ ହୋଇ ଘରର କବାଟ ଭିତରପଟରୁ ବନ୍ଦ କରି ଦେଇଥିଲେ । ପରେ ସେ ତାଙ୍କ ମା'ଙ୍କୁ ମାଡ଼ ମାରିବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଜ୍ୟୋସ୍ନାରାଣୀଙ୍କର ଚିତ୍କାର ଶୁଣି ଗ୍ରାମବାସୀ ଘରର କବାଟ ଭାଙ୍ଗି ତାଙ୍କ ଦେହରୁ ନିଆଁ ଲିଭାଇବା ସହ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

## ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବାରୁ ୩୧କୋଟି ଟଙ୍କା କ୍ଷତି

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି)ର ପାଉଁଶ ପୋଖରୀ କେବଳ ଥରୁଟିଏ ୨୦୨୩ ମସିହା ସେପ୍ଟେମ୍ବର ୧୨ ତାରିଖରେ ଭାଙ୍ଗିଥିଲା । ଏହି ପାଉଁଶ ପୋଖରୀ ଭାଙ୍ଗିବା ଫଳରେ ଓପିଜିସିର ମୋଟ୍ ୩୧ କୋଟି ୨୭ଲକ୍ଷ ଟଙ୍କାର କ୍ଷତି ହୋଇଛି । ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ପାଉଁଶ ପୋଖରୀ ଭାଙ୍ଗିବାର ବିଫଳତା ପାଇଁ କୌଣି ମାନବୀୟ ହସ୍ତକ୍ଷେପର ପ୍ରମାଣ ମିଳିନଥିଲା । ଏହି ଦୁର୍ଘଟଣା ଯୋଗୁଁ ପ୍ରାୟ ୧୫୪ ଏକର ଚାଷଜମି ଏବଂ ରେଙ୍ଗାଲି ଗାଁର ଏକ ଛୋଟ ପୋଖରୀ ପ୍ରଭାବିତ ହୋଇଛି । ଓପିଜିସି ମୋଟ୍ ୭୧ଲକ୍ଷ ୮୯ ହଜାର ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛି ।

## ଗ୍ୟାସ ଯୋଗାଣରେ ଚରମ ଅବ୍ୟବସ୍ଥା

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**




ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳର କୃପାସିନ୍ଧୁ ଏଚପି ଗ୍ୟାସ ଏଜେନ୍ସି ଦ୍ୱାରା ଗ୍ରାହକଙ୍କ ଉପରେ ହେଉଥିବା ଚରମ ଅବହେଳା ଲୋକମାନଙ୍କ ଧୈର୍ଯ୍ୟକୁ ଭାଙ୍ଗିଦେଇଛି । ସକାଳ ୬ଟା ପୂର୍ବରୁ ଲୋକେ ଲାଇନ୍ ଧରିଥିବା ସତ୍ତ୍ୱେ ମଧ୍ୟ, ସମୟରେ ଗ୍ୟାସ ସିଲିଣ୍ଡର ମିଳୁନଥିବା ଗଁଦିଆରେ ବିଶେଷ ସମସ୍ୟା ହୋଇଉଠିଛି । ଗୋଟିଏ ଦିନ ସରିଯାଏ, କିନ୍ତୁ ଗ୍ରାହକଙ୍କ ହାତ ଖାଲି ଫେରୁଛି । ସବୁଠାରୁ ଚିନ୍ତାଜନକ କଥା ଏହି ଅବ୍ୟବସ୍ଥା କେବଳ ଗ୍ୟାସ ଯୋଗାଣରେ ସୀମିତ ନୁହେଁ, ରାସ୍ତା ଚଳାଚଳକୁ ମଧ୍ୟ ଗୁରୁତର ଭାବେ ବାଧା ଦେଉଛି । ସ୍କୁଲ ଗାଡ଼ି ପଡ଼ି ଯାଇଛି, ସରସ୍ୱତୀ ଶିଶୁ ମନ୍ଦିରର ପିଲାମାନେ ବାଧ୍ୟ ହୋଇ ପାଦରେ ଚାଲି ସ୍କୁଲକୁ ଯାଉଛନ୍ତି । ପ୍ରଶାସନ ଏପର୍ଯ୍ୟନ୍ତ ନୀରବ ଦର୍ଶକ ହୋଇ ରହିଛି । ଏଜେନ୍ସି କର୍ମଚାରୀମାନେ କ୍ୟାମେରା ସାମ୍ନାରେ କୌଣସି ସ୍ୱଷ୍ଟ ଉତ୍ତର ଦେବାକୁ ଟାଳୁଛନ୍ତି ଯାହା ଏସବୁ ଅନିୟମିତତା ପଛରେ କିଛି ଲୁଚିଥିବାର ସନ୍ଦେହ ଜନ୍ମାଉଛି । ଅଂଚଳବାସୀଙ୍କ ପ୍ରମୁଖ ପ୍ରଶ୍ନ ଏଜେନ୍ସି ଇଚ୍ଛାମତାବକ ଚାଲିବେ ଜିଲ୍ଲା ପ୍ରଶାସନ କେବେ ଏହି ଅବ୍ୟବସ୍ଥାକୁ ଦେଖିବ । ଗ୍ରାହକଙ୍କ ଦୁଃଖର ଦାୟିତ୍ୱ କିଏ ନେବ । ସ୍ଥାନୀୟ ଲୋକଙ୍କ ମହଲରେ ଭୟଙ୍କର ରୋଷ । ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ଗଁଦିଆର ତୀବ୍ର ଆନ୍ଦୋଳନ ଅନିବାର୍ଯ୍ୟ ହେବ ବୋଲି ଚେତାବନୀ ଜନସାଧାରଣ । କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରନ୍ତୁ । ନହେଲେ ଏହା ଜନଆକ୍ରୋଶରେ ପରିଣତ ହେବ ।

## ଭାଇବୋହୂକୁ ହତ୍ୟା କଲା ଦେଢ଼ଶୂର

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଭାଇବୋହୂକୁ ହାଣି ହତ୍ୟା କରିଛି ଦେଢ଼ଶୂର । କେନ୍ଦୁଝର ଜିଲ୍ଲା ଘଟଗାଁ ଅନ୍ତର୍ଗତ ବାଇଗଣପାଳ ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ହତ୍ୟାର ଶିକାର ହୋଇଛନ୍ତି ହୃଷୀକେଶ ମହାକୁଡ଼ଙ୍କ ସ୍ତ୍ରୀ ନିରୂପମା ମହାକୁଡ଼ ।

ସୂଚନା ଅନୁସାରେ ପାରିବାରିକ ବିବାଦକୁ ନେଇ ନିରୂପମାଙ୍କୁ ତାଙ୍କ ଦେଢ଼ଶୂର ଶୈଳ ମହାକୁଡ଼ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ନିରୂପମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଅଭିଯୁକ୍ତ ଶୈଳଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

## ବାଣିଜ୍ୟ

## ବଦଳିବ ବ୍ୟାଙ୍କିଂ ସମୟ !

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଆଜିକାଲି କାର୍ଯ୍ୟ-ଜୀବନ ସନ୍ତୁଳନ ଏକ ପ୍ରମୁଖ ସମସ୍ୟା । ବ୍ୟାଙ୍କ କର୍ମଚାରୀମାନେ ମଧ୍ୟ ଏହାର ବ୍ୟତିକ୍ରମ ନୁହଁନ୍ତି । ୟୁନିଅନଗୁଡ଼ିକ ବହୁ ଦିନ ଧରି ବ୍ୟାଙ୍କଗୁଡ଼ିକ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ପାଳନ କରିବାକୁ ଦାବି କରିଆସୁଛନ୍ତି । ଏବେ, ସେମାନେ ସରକାରୀ ଭାବରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନ କରିଛନ୍ତି ।

ସେମାନେ ପ୍ରତି ଶନିବାର ଏବଂ ରବିବାରକୁ ବ୍ୟାଙ୍କ ଛୁଟି ଘୋଷଣା କରିବାକୁ ଦାବି କରୁଛନ୍ତି । ଯଦି ଏହା ଘଟେ, ତେବେ ବ୍ୟାଙ୍କିଂ କ୍ଷେତ୍ରରେ କେବଳ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୱାର୍କିଂ ଡେ ରହିବ । ବର୍ତ୍ତମାନ, ଦ୍ୱିତୀୟ ଏବଂ ଚତୁର୍ଥ ଶନିବାରରେ ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥାଏ । ଏହାର ଅର୍ଥ ହେଉଛି ବ୍ୟାଙ୍କ କର୍ମଚାରୀମାନେ ମାସର ଦୁଇ ସପ୍ତାହରେ ପାଞ୍ଚ ଦିନ କାମ କରନ୍ତି ।

ପ୍ରସ୍ତାବରେ ଏହା ମଧ୍ୟ କୁହାଯାଇଛି ଯେ ବ୍ୟାଙ୍କ କର୍ମଚାରୀମାନଙ୍କୁ ସେମାନଙ୍କର କାର୍ଯ୍ୟ ଘଣ୍ଟାକୁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହରେ ସଜାଡ଼ିବା ପାଇଁ ପ୍ରତିଦିନ ପ୍ରାୟ ୪୦ ମିନିଟ୍ ଅଧିକ କାମ କରିବାକୁ ପଡିବ । ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେସନ (ଏଆଇବିଓସି) କହିଛି ଯେ ଏହି ପରିବର୍ତ୍ତନ କର୍ମଚାରୀଙ୍କ ମନୋବଳକୁ ବୃଦ୍ଧି କରିବ, ପ୍ରଡକ୍ଟିଭିଟିରେ ଉନ୍ନତି ଆଣିବ ଏବଂ ବ୍ୟାଙ୍କିଂ ସେକ୍ଟରର ମଡର୍ଣ୍ଣ ୱାର୍କିଂ ପାଇଁ ବ୍ୟାଙ୍କିଂ କ୍ଷେତ୍ରକୁ ପରିବର୍ତ୍ତନ କରିବ ।

ବର୍ତ୍ତମାନ ସୁଦ୍ଧା, ପାଞ୍ଚ ଦିନିଆ ବ୍ୟାଙ୍କିଂ ସପ୍ତାହ କେବେ ଆରମ୍ଭ ହେବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ । ପ୍ରସ୍ତାବଟି ଏପର୍ଯ୍ୟନ୍ତ ବିଚାରାଧୀନ ଅଛି । ଅର୍ଥ ମନ୍ତ୍ରଣାଳୟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଉଭୟଙ୍କୁ ସେମାନଙ୍କର ଚୂଡ଼ାନ୍ତ ଅନୁମୋଦନ ଦେବାକୁ ପଡିବ । ଯଦି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଏ, ତେବେ ଏହା କେବଳ ପରବର୍ତ୍ତୀ ଆର୍ଥିକ ବର୍ଷରେ ହେବ । ଏହାର ଅର୍ଥ ହେଉଛି ସରକାର କେବଳ ଏପ୍ରିଲ ୨୦୨୬ ପରେ ନିଷ୍ପତ୍ତି ନେଇପାରିବେ ।

## କଳାହାଣ୍ଡିରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ

**କେସିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ଚଳିତ ଖରିଫ ଋତୁର କଳାହାଣ୍ଡି ଜିଲ୍ଲାରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି । ବରଗଡ଼, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ ଚଳିତ ଖରିଫ ଋତୁର ମଣ୍ଡି ଖୋଲି ଧାନ ସଂଗ୍ରହ ଆରମ୍ଭ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୀତକାଳୀନ ବିଧାନସଭା ଅଧିବେଶନରେ ବୁଧବାର ସୂଚନା ଦେଇଥିଲେ । ହେଲେ ବାସ୍ତବରେ ଦେଖିବାକୁ ଗଲେ ଚଳିତ ବର୍ଷ ଖରିଫ ଋତୁରେ କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇପାରି ନାହିଁ । କଷ୍ଟମ ମିଲିଂ ପାଇଁ ସରକାରଙ୍କ ଠାରେ ମିଲରଙ୍କ ଏଗ୍ରିମେଣ୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରିନାହିଁ । ଯାହା ଫଳରେ କଳାହାଣ୍ଡି ଜିଲ୍ଲାରେ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଜଣାପଡିଛି । ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଯୋଗୁଁ ଚାଷୀ ମହଲରେ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ ପାଇଛି ।

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ କେସିଙ୍ଗା ବ୍ଲକ୍ ଅଞ୍ଚଳରେ ଥିବା ୭ଟି ପାକ୍ସରେ ଚଳିତବର୍ଷ ଖରିଫ୍ ଋତୁର ଧାନ ବିକ୍ରି ପାଇଁ ୮,୧୯୭ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି । ହେଲେ କେସିଙ୍ଗା ବ୍ଲକ ଅଞ୍ଚଳରେ ଏପର୍ଯ୍ୟନ୍ତ ଧାନ ମଣ୍ଡି ଖୋଲାଯାଇ ନାହିଁ । ଚାଷୀଙ୍କ ଅମଳ ଧାନ ଖଳାରେ ପଡ଼ିରହିଥିବା ଦେଖିବାକୁ ମିଳିଛି । ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବା ଯୋଗୁଁ ଧାନ ସଂଗ୍ରହ ହୋଇପାରି ନାହିଁ । ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ନିଜର ନାମ ପଞ୍ଜୀକରଣ କରିଛନ୍ତି ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କେସିଙ୍ଗା ବ୍ଲକ ଅଞ୍ଚଳରେ ମଣ୍ଡି ଆରମ୍ଭ ହୋଇନାହିଁ । ମଣ୍ଡି କେବେ ଖୋଲିବ ସେ ନେଇ ଚାଷୀମାନେ ଅପେକ୍ଷା କରିଛନ୍ତି । ଚାଷୀ ନିଜର ପରିବାର ପୋଷଣ, ପିଲାଙ୍କ ପାଠପଢା, ଋଣ ସୁଝା ଆଦି ପାଇଁ ଟଙ୍କା ଦରକାର ପଡୁଥିବା ବେଳେ ଅମଳ ହୋଇଥିବା ଧାନକୁ ବିକ୍ରି କରିନପାରି ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଚାଷୀମାନଙ୍କ ସୁବିଧା ଦୃଷ୍ଟିରୁ ବିଳମ୍ବ ନକରି ଯଥାଶୀଘ୍ର ମଣ୍ଡି ଖୋଲି ଧାନ ସଂଗ୍ରହ କରିବା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ କେସିଙ୍ଗା ବ୍ଲକ୍ ଅଞ୍ଚଳର ଚାଷୀ ମହଲରେ ଦାବି ହେଉଛି ।

## ପୋଲିସ ପଞ୍ଝାରେ ୧୪ ଜଣିଆ ଡକାୟତ ଗ୍ୟାଙ୍ଗ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ପୋଲିସ କବଜାରେ ଧରାପଡ଼ିଛି ଏକ ୧୪ ଜଣିଆ ଡକାୟତ ଗ୍ୟାଙ୍ଗ । ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଉଥିବା ଏଭଳି ଏକ ଗ୍ୟାଙ୍ଗକୁ ଧରିଛି ଯାଜପୁର ପୋଲିସ । ପୋଲିସ ୧୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଏବଂ ପ୍ରାୟ ୬ ଲକ୍ଷ ଟଙ୍କା ଜବତ କରିଛି । ଏହା ସହିତ ସେମାନଙ୍କଠାରୁ ୨୨୫ ଗ୍ରାମର ସୁନା ଅଳଙ୍କାର, ୧୫ଟି ମୋବାଇଲ ଫୋନ ଏବଂ ୩ଟି ବାଇକ ମଧ୍ୟ ଜବତ ହୋଇଛି । ଅଭିଯୁକ୍ତମାନେ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛନ୍ତି । ଅଭିଯୁକ୍ତମାନଙ୍କ ନାମରେ ଅନ୍ୟ କୌଣସି ଥାନାରେ ମାମଲା ରହିଛି କି ନାହିଁ ପୋଲିସ ତାହାର ଯାଞ୍ଚ କରୁଛି ।

## ସିନେମାଫିନେମା ଟିଭିଫିବି

## ରଣବୀରଙ୍କ ବିରୋଧରେ ମାମଲା ରୁଜୁ



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଅଡୁଆରେ ଫସିଛନ୍ତି ବଲିଉଡ୍ ଅଭିନେତା ରଣବୀର ସିଂହ । ନିକଟରେ ଏକ ଫିଲ୍ମ ସମାରୋହରେ ସାଉଥ୍ ଷ୍ଟାର୍ ଋଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା ଚାପ୍ଟର-୧' ଉପରେ ସେ ଟିପ୍ପଣୀ ଦେଇଥିଲେ । ଋଷଭ ଫିଲ୍ମରେ ଦେବୀ ଚାମୁଣ୍ଡେଶ୍ୱରୀ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର ଦୈବ ଦୃଶ୍ୟରେ ଋଷଭଙ୍କ ଚରିତ୍ରକୁ ରଣବୀର ଥଟ୍ଟା କରିଥିଲେ । ଏଥିପାଇଁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଲା । ମାମଲାର ଗମ୍ଭୀରତାକୁ ଦେଖି ରଣବୀର ସୋସିଆଲ ମିଡିଆ ମାଧ୍ୟମରେ କ୍ଷମା ମାଗିଲେ । କିନ୍ତୁ ଅଡୁଆ ତାଙ୍କ ପିଛା ଛାଡିନି । ଧାର୍ମିକ ଭାବନାକୁ ଆହତ କରିବା, ଦୈବ ପରମ୍ପରାର ଅପମାନ ଏବଂ ହିନ୍ଦୁ ବିଶ୍ୱାସର ଉପହାସ ପାଇଁ ପ୍ରଶାନ୍ତ ମେଥଲ ନାମକ ଜଣେ ବ୍ୟକ୍ତି ରଣବୀରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି ।

ପ୍ରଶାନ୍ତ ମେଥଲ ବେଙ୍ଗାଲୁରୁର ହାଇ ଗ୍ରାଉଣ୍ଡ୍ସ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୨୯୯, ୩୦୨ ତଥା ୧୯୬ ଅନ୍ତର୍ଗତ ରଣବୀରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ସେ ନିଜ ଅଭିଯୋଗରେ ଲେଖିଛନ୍ତି, ମୁଁ ଉପରୋକ୍ତ ଠିକଣାର ବାସିନ୍ଦା ଏବଂ ଭାରତର ଆଇନ ପାଳନ କରୁଥିବା ଜଣେ ନାଗରିକ ଓ ଅଧିବକ୍ତା । ବଲିଉଡ୍ ଅଭିନେତା ରଣବୀର ସିଂହଙ୍କର ଅବୈଧ ଏବଂ ଆପତ୍ତିଜନକ କାର୍ଯ୍ୟକୁ ତତ୍କାଳ ସଂଜ୍ଞାନକୁ ଆଣିବା ପାଇଁ ମୁଁ ଏହି ମାମଲା ରୁଜୁ କରିଛି । ସେ ମୋର ତଥା କୋଟି କୋଟି ହିନ୍ଦୁଙ୍କର, ବିଶେଷକରି କର୍ଣ୍ଣାଟକର ତୁଳୁ ଭାଷୀ ସମୁଦାୟର ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛନ୍ତି ।

ସେ ଆହୁରି ଅଭିଯୋଗ କରିଛନ୍ତି, ଗତ କିଛି ଦିନରେ ବିଭିନ୍ନ ଖବରସଂସ୍ଥା ମାଧ୍ୟମରେ ତଥା ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରୁ ଜଣାପଡିଲା ଯେ ଗତ ୨୮ ନଭେମ୍ବର ଗୋଆରେ ଆୟୋଜିତ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ (ଇଫି)ର ଉଦ୍‌ଯାପନ ସମାରୋହରେ ଅଭିଯୁକ୍ତ ରଣବୀର ସିଂହ ଫିଲ୍ମ 'କାନ୍ତାରା'ରେ ପ୍ରଦର୍ଶିତ ପବିତ୍ର ଦୈବ (ଭୂତକୋଲା) ପରମ୍ପରାକୁ ସର୍ବସମ୍ମୁଖରେ ଉପହାସ ଓ ଅପମାନ କରିଥିଲେ । ମଞ୍ଚରେ ରଣବୀର ତଟୀୟ କର୍ଣ୍ଣାଟକରେ ପୂଜା ହେଉଥିବା ପବିତ୍ର ପଞ୍ଜୁରଲୀ/ ଗୁଲିଗା ଦୈବଙ୍କ ଦିବ୍ୟ ଭାବଭଙ୍ଗୀର ନକଲ ଅଶ୍ଳୀଳ, ଅପମାନଜନକ ଏବଂ ହାସ୍ୟାସ୍ପଦ ଢଙ୍ଗରେ କଲେ । ପବିତ୍ର ଦୈବଙ୍କୁ ସେ ଭୂତ ମଧ୍ୟ କହିଲେ । କିନ୍ତୁ ଫିଲ୍ମରେ ଆମ ରାଜ୍ୟର ଅଧିଶ୍ୱରୀ ଚାମୁଣ୍ଡେଶ୍ୱରୀ ଥିଲେ । ଆମ ସଂସ୍କୃତି ଏବଂ ଧାର୍ମିକ ମାନ୍ୟତାରେ ଦୈବ ଭୂତ ନୁହନ୍ତି, ବରଂ ପୂଜନୀୟ ଦେବତା ବା ଅଧିଶ୍ୱର । କୌଣସି ଦେବତାଙ୍କୁ ଭୂତ କହିବା ଅତ୍ୟନ୍ତ ଲଜ୍ଜାଜନକ । ହିନ୍ଦୁ ବିଶ୍ୱାସ ପ୍ରତି ଜାଣିଶୁଣି ଅନାଦର କରାଯାଇଛି । ଅଭିଯୁକ୍ତ ଜଣେ ଜଣାଶୁଣା ବ୍ୟକ୍ତି, ଯାହାଙ୍କର ଲକ୍ଷାଧିକ ଫଲୋଅର୍ ଅଛନ୍ତି । ଅନ୍ତର୍ଜାତୀୟ ମଞ୍ଚରେ ଏଭଳି କାର୍ଟୁନ୍ କରି ସେ କେବଳ 'କାନ୍ତାରା' ଫିଲ୍ମର ଅପମାନ କରିନାହାନ୍ତି, ବରଂ ତୁଳୁ ପରମ୍ପରାର ଗଭୀର ଆଧାତ୍ମିକ ବିଶ୍ୱାସର ଉପହାସ କରିଛନ୍ତି । ଏହା ଦ୍ୱାରା ଦୈବ ଭକ୍ତ ତଥା ସାଧାରଣ ଜନତାଙ୍କ ମଧ୍ୟରେ ଗମ୍ଭୀର ମାନସିକ ପୀଡା, ଆକ୍ରୋଶ ଏବଂ ଅସନ୍ତୋଷ ଦେଖାଦେଇଛି ।

